## ଟାୟାର ଗୋଦାମରେ ଅଗ୍ନିକାଣ୍ଡ

ରାଉରକେଲା ଅଫିସ-ନୟାନଜାର ନିକଟ କୋଣାର୍କ ଟକିଜ ରେଲବାଇ ଓଭର ବ୍ରିଜ ତଳ ରହମତନଗର ବସ୍ତି ନିକଟରେ ଗୁରୁବାର ରାତି ୧୨ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ବସ୍ତି ନିକଟରେ ମହଜୁଦ ଏକ ପୁରୁଣା ଟାୟାର ଦୋକାନରେ ନିଆଁ ଲାଗିବାରୁ ଏଭଳି କାଣ୍ଡ ଘଟିଥିବା ଜଣାଯାଇଛି। ଏଥିରେ ଲକ୍ଷାଧିକ ଟଙ୍କା ମୂଲ୍ୟର ପୁରୁଣା ଟାୟାର ପୋଡି ଜଳି ପାଉଁଶ ହୋଇ ଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲା। ଉଚିତ ସମୟରେ ପଦକ୍ଷେପ ଯୋଗୁ ବସ୍ତିବାସିନ୍ଦା ନିଆଁରୁ ବର୍ତ୍ତି ଯାଇଥିବା କୁହାଯାଇଛି। ଏଣୁ ପାଖ ବସ୍ତି ସୁରକ୍ଷିତ ଥିବା ଜଣା ଯାଇଛି। ଖବରପାଇ ୪ଟି ଦମକଳ ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲା। ପ୍ଲାଣ୍ଟସାଇଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସହଯୋଗ କରିଥିଲା ।

## ସଂକ୍ଷେପରେ

### ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କଲେ ମା'

ବ୍ରଜରାଜନଗର,୨୫।୧୨(ଡି.ଏନ.ଏ.): ଗାନ୍ଧୀ ଫାଣ୍ଡି ଅନ୍ତର୍ଗତ କଦେଲମୁଣ୍ଡା ଗ୍ରାମରେ ଗୁରୁବାର ପୂର୍ବାହ୍ଣରେ ଗୌତମ ବକର (୨୦) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଗୌତମଙ୍କ ଘର ଲଇକେରା ଥାନା ସିଆରମା ଗ୍ରାମରେ। ସେ ୨ ମାସ ହେବ କଦେଲମୁଣ୍ଡାର ଜଣେ ଯୁବତୀଙ୍କୁ ପ୍ରେମବିବାହ କରି ଶଶୁରଘରେ ରହୁଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକଙ୍କ ମା' ଅମ୍ବିକା ବକରା ତାଙ୍କ ପୁଅକୁ ଶଶୁରଘର ଲୋକେ ମାରିଦେଇଥିବା ଶୁକ୍ରବାର ଅଭିଯୋଗ କରିଛନ୍ତି। ଏ ନେଇ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ.୫୧୧/୨୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

### ମହିଳାଙ୍କ ଆତ୍ମହତ୍ୟା

ବ୍ରଜରାଜନଗର, ୨୫।୧୨; (ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ କତାବଗା ଗ୍ରାମରେ ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ନିଲୁ ବେହେରା (୨୪)। ଘରେ କେହି ନ ଥିବା ସମୟରେ ଗୁରୁବାର ସନ୍ଧ୍ୟାରେ ନିଲୁ ଘର ପାଇପରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ୫ବର୍ଷର ପୁଅ ଓ ସ୍ୱାମୀ ସନ୍ତୋଷ ସିଦାର ବଜାରକୁ ଟିଭି କିଣିବାକୁ ଯାଇଥିବାବେଳେ ଏଭଳି ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ତେବେ ଘଟଣା ପଛରେ ପାରିବାରିକ କଳହ ହୋଇଥାଇପାରେ ବୋଲି ଥାନା ଅଧିକାରିଣୀ ନଳିତା ମୋଦି କହିଛନ୍ତି।

### ସହଯୋଗ ଲୋଡ଼ିଲା ପୂର୍ବାଞ୍ଚଳ ସଂସ୍କୃତି ପରିଷଦ

ବ୍ରଜରାଜନଗର,୨୫।୧୨(ଡି.ଏନ.ଏ.): ବିହାରୀ ସମ୍ପ୍ରଦାୟକୁ ନେଇ ଗଠିତ ବ୍ରଜରାଜନଗର ପୌରାଞ୍ଚଳ ସଂସ୍କୃତି ପରିଷଦ କର୍ମକର୍ତ୍ତା ଶୁକ୍ରବାର ବିଧାୟକ କିଶୋର ମହାନ୍ତିଙ୍କୁ ସ୍ୱାଗତ କରିବା ସହ ଅଞ୍ଚଳର ବିକାଶ ପାଇଁ ତାଙ୍କ ସାହାଯ୍ୟ ଲୋଡ଼ିଥିଲେ। ବନ୍ଦ ପଡିଥିବା ଓରିଏଣ୍ଟ ପେପର ମିଲ୍ ପୁନଃ ଚାଲୁ କରିବା, ରୋଡସେଲ୍ କୋଇଲା ପରିବହନ ବୃଦ୍ଧି କରିବା, ଇବ୍ ଶ୍ମଶାନ ଘାଟରେ ଇଲେକ୍ଟ୍ରିକ୍ ଚୁଲା ବ୍ୟବସ୍ଥା ଉପରେ ପରିଷଦର କର୍ମକର୍ତ୍ତା ବିଧାୟକଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ତାଙ୍କ ଦ୍ୱାରା ଯଥା ସମ୍ଭବ କାର୍ଯ୍ୟ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲା ଉପସଭାପତି ବିଶ୍ୱନାଥ ନାଏକ, ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ପରିଷଦ ସଭାପତି ରାଜନ ସିଂ, ସମ୍ପାଦକ ପ୍ରକାଶ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ।

### ସମ୍ବଲପୁରରେ ଏନ୍ଆଇଏଫ୍‌ଟି ଶାଖା ସ୍ଥାପନ ଦାବି

ସମ୍ବଲପୁର, ୨୫।୧୨(ବ୍ୟୁରୋ): ସମ୍ବଲପୁରରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେଶନ ଟେକ୍ନୋଲୋଜି (ଏନ୍ଆଇଏଫ୍‌ଟି) ଶାଖା ସ୍ଥାପନ କରିବାକୁ ଦାବି ହୋଇଛି। ଏ ନେଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ କର୍ମକର୍ତ୍ତା ଗୁରୁବାର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଭୁବନେଶ୍ୱରସ୍ଥିତ ଏନ୍ଆଇଏଫ୍‌ଟି ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମଞ୍ଚ ଆବାହକ ଭବାନୀଶଙ୍କର ଭୋଇ, ଦେବାଶିଷ ବେହେରା, ଗୀତାରାଣି ପଣ୍ଡା, ସୁଦାମ ମେହେର ସାମିଲ ଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଲଖନପୁର,୨୫।୧୨(ଡି.ଏନ୍.ଏ.): ଲଖନପୁର ବ୍ଲକ୍ ପଞ୍ଚଗାଁ ପଞ୍ଚଶଖା ପ୍ରାଥମିକ ସ୍କୁଲ୍‌ର ୨୦୦୪-୦୫ ମସିହା ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ ଧ୍ରୁବଚରଣ ସ୍ୱାଇଁ, ଦ୍ୱିତୀୟ ଭୋଇ ଓ ବାବୁଲାଲ୍ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ପରିଚାଳନା ପରିଷଦ ସଦସ୍ୟ ନକୁଳ ପ୍ରଧାନ ଓ ଜୀବର୍ଦ୍ଧନ ଭୋଇ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଆକାଶ ନାମଦେଓ, ଅର୍ଜ୍ଜୁନ ମେହେର, ଅକ୍ଷୟ ରାଉତ, ମୋନାଲିସା ସରକାର, ଆରତୀ ଗୋୟଲ, ମଞ୍ଜୁ ପଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ତା ବଢାଇଛି ସଡ଼କ ଦୁର୍ଘଟଣା

**ସମ୍ବଲପୁର ଜିଲା**
- ବର୍ଷକରେ ୪୦୮ ଦୁର୍ଘଟଣା, ୧୬୦ ମୃତ
- ୨୦୫ ଜଣ ସାମାନ୍ୟ ଆହତ

ସମ୍ବଲପୁର, ୨୫।୧୨ (ବ୍ୟୁରୋ)

ସମ୍ବଲପୁର ଜିଲାରେ ସଡ଼କ ଦୁର୍ଘଟଣା ଚିନ୍ତାଜନକ ହୋଇଛି। ବର୍ଷକରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ସ୍ଥାନରେ ମୋଟ ୪୦୮ଟି ଦୁର୍ଘଟଣା ଘଟିଛି। ଏଥିରେ ୧୬୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୯୨ ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୫ ଜଣ ସାମାନ୍ୟ ଆହତ ହୋଇଥିବା ପୋଲିସ ବିଭାଗ ପକ୍ଷରୁ ରିପୋର୍ଟ ଦିଆଯାଇଛି।

ସରକାରୀ ସ୍ତରରେ ସଚେତନତା ସୃଷ୍ଟି ପାଇଁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହାସହ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରି ଜରିମାନା ଆଦାୟ କରାଯାଉଛି। ହେଲେ ଜନସାଧାରଣଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ପରିଲକ୍ଷିତ ହେଉଛି। ବିଶେଷ କରି ନିଶାଦ୍ରବ୍ୟ ସେବନ ଓ ଦ୍ରୁତଗତିରେ ଗାଡି ଚଳାଇବା ଯୋଗୁ ଦୁର୍ଘଟଣା ଘଟୁଥିବା ପ୍ରକାଶ କରାଯାଉଛି। ଗାଡି ଚାଳକମାନେ ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ ଗାଡି ଚଲାଉଛନ୍ତି। ଫଳରେ ସେମାନେ ନିଜ ଜୀବନକୁ ବିପନ୍ନ କରିବା ସହ ଅନ୍ୟମାନଙ୍କୁ ବିପଦରେ ପକାଉଛନ୍ତି। ସମ୍ବଲପୁର ସଦର ଥାନା ପଡିଆବାହାଲ ନିକଟ ଗୌଡପାଲି ବ୍ରିଜ୍‌ରୁ ଏକ ବସ୍ ତଳକୁ ଖସିପଡି ୬ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଡ୍ରାଇଭର ନିଶାସକ୍ତ ଥିବା ଜଣାପଡିଥିଲା। ଅନୁପାତକୁ ଦେଖିଲେ ଜିଲାରେ ପ୍ରତିଦିନ ହାରାହାରି ୨ଟି ଦୁର୍ଘଟଣା ଘଟୁଛି। ସେହିପରି ପ୍ରତି ୩ ଦିନରେ ଜଣଙ୍କ ମୃତ୍ୟୁ ଘଟୁଛି। ପୋଲିସ ଓ ଏମ୍‌ଭିଆଇ ପକ୍ଷରୁ ଯାଞ୍ଚ କରାଯାଇ ୨ମାସରେ ୯ ହଜାର ଲୋକଙ୍କଠାରୁ ୧୭ ଲକ୍ଷ ଟଙ୍କା ଚାଲାଣ କଟାଯାଇଛି। ଅନୁରୂପ ଭାବେ ୨୫୩ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ହେଲେ କେତେଜଣ ଚାଳକଙ୍କ ଅନିୟନ୍ତ୍ରିତ ଗାଡ଼ିଚାଳନା ଯୋଗୁ ଦୁର୍ଘଟଣା ଘଟୁଥିବା କୁହାଯାଉଛି। ଏ ସମ୍ପର୍କରେ ସମ୍ବଲପୁର ଆର୍‌ଟିଓ ତ୍ରିଲୋଚନ ପାତ୍ର କହିଛନ୍ତି, ସଡ଼କ ସୁରକ୍ଷା ଉପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସଚେତନ କରାଯିବା ସହ ଜରିମାନା ଆଦାୟ କରାଯାଉଛି। ଆଗକୁ ଆହୁରି ଯାଞ୍ଚ କଡ଼ାକଡ଼ି କରାଯିବ। ଦୁର୍ଘଟଣା କିଭଳି ହ୍ରାସ ପାଇବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ।

## ନିରାଡ଼ମ୍ବର ବଡ଼ଦିନ ପର୍ବ



ସମ୍ବଲପୁର ଓଡିଆ ବାପଟିଷ୍ଟ ଚର୍ଚ୍ଚକୁ ଆଲୋକମାଳାରେ ସଜାଯାଇଛି ।

ସମ୍ବଲପୁର, ୨୫।୧୨(ବ୍ୟୁରୋ)

କରୋନା କଟକଣା ଯୋଗୁ ଚଳିତବର୍ଷ ନିରାଡମ୍ବର ଭାବେ ବଡଦିନ ପର୍ବ ସମ୍ବଲପୁର ସହର ଓ ଗ୍ରାମାଞ୍ଚଳରେ ପାଳିତ ହୋଇଯାଇଛି। ଗଙ୍ଗାଧର ମେହେର କଲେଜ ଛକସ୍ଥିତ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ, ସାକ୍ଷୀପଡା କ୍ୟାଥୋଲିକ୍ ଚର୍ଚ୍ଚ, ଲକ୍ଷ୍ମୀଟକିଜ ମୁଣ୍ଡା ବାପ୍‌ଟିଷ୍ଟ ଚର୍ଚ୍ଚ, ବିନାଖଣ୍ଡି ସେଣ୍ଟ ଜେମ୍ସ ଚର୍ଚ୍ଚ, କୁଲୁଥକାନୀ ଗୋସନର ଇ.ଏଲ. ଚର୍ଚ୍ଚ, ଅଇଁଠାପାଲି ଦୟାସାଗର ପ୍ରାର୍ଥନା ଭବନ ଓ ପାଞ୍ଚଗଛିଆ ଚର୍ଚ୍ଚ ଆଲୋକମାଳାରେ ଝଲସୁଥିଲା। ସରକାରଙ୍କ ଗାଇଡ୍‌ଲାଇନକୁ ଦୃଷ୍ଟିରେ ରଖି ଭକ୍ତମାନେ ଚର୍ଚ୍ଚ ବାହାରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ସ୍ୱତନ୍ତ୍ର ଉପାସନା ସେବା ଅର୍ପଣ କରିଛନ୍ତି। ସମ୍ବଲପୁର ସମେତ ବୁର୍ଲା ଓ ହୀରାକୁଦର ୮ଟି ଚର୍ଚ୍ଚରେ ଏହି ପର୍ବ ପାଳନ କରାଯାଇଛି।

# ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା

ଟିପିଲିମା, ୨୫।୧୨ (ଡି.ଏନ.ଏ.)

ଜାତୀୟ ଜଳଜୀବନ ମିଶନ (ଏନ୍‌ଜେଜେମ୍)ର ୩ ଜଣିଆ କମିଟି ସମ୍ବଲପୁର ଜିଲା ଧନକଉଡା ବ୍ଲକ କର୍ଡୋଲା ଗ୍ରାମର ପ୍ରକଳ୍ପର ସମୀକ୍ଷା କରି ଜଳର ଗୁଣବତ୍ତା ଯାଞ୍ଚ କରିଥିଲା। ପରେ ଗ୍ରାମ୍ୟ ଜଳଯୋଗାଣ କମିଟିକୁ ଭେଟି ବିଭିନ୍ନ ସମସ୍ୟା ଆଲୋଚନା କରି ଗ୍ରାମରେ ୮୦ ପ୍ରତିଶତ ପରିବାରକୁ ଜଳଯୋଗାଣ ହୋଇସାରିଥିବା ଜାଣିବାକୁ ପାଇଥିଲେ। ଏନ୍‌ଜେଜେଏମ୍ ଅଧିକାରୀ ଲୋପାମୁଦ୍ରା ପଣ୍ଡା, ଧୀରେନ୍ଦ୍ର କୁମାର, ଅଭିଷେକ କୁମାର ସିହ୍ନାଙ୍କ ସହ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ପ୍ରିୟରଞ୍ଜନ ଚୌଧୁରୀ, ବ୍ଲକ ଜେଇ ଦିପିକା ମହାପାତ୍ର ଉପସ୍ଥିତ ଥିଲେ।



ଏନ୍‌ଜେଜେଏମ୍ ପକ୍ଷରୁ ସମୀକ୍ଷା କରାଯାଉଛି।

ଗ୍ରାମ୍ୟ କମିଟିର ପୂର୍ଣ୍ଣାନନ୍ଦ ଡନସନା, ସୁଧାଂଶୁଶେଖର ପାଣିଗ୍ରାହୀ, ଲୋକନାଥ ମେହେର, ପୂର୍ବତନ ସରପଞ୍ଚ ଗୋରେଖ ରାଉତ ମଧ୍ୟ ଉପସ୍ଥିତ ଥିଲେ । ସେହିପରି କୁଦଗୁଣ୍ଡେରପୁର, ବନ୍ଦପାଲି, ମାଝିପାଲି, ଶାସନ, ଜଳବିଶୋଧନାଗାର ପଧାନପାଲି ଗ୍ରାମସ୍ଥିତ ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପ ଦେଖି ସମୀକ୍ଷା କରିଥିଲେ। ଏହି ସମୀକ୍ଷା କାର୍ଯ୍ୟ ଗତ ୨୧ରୁ ୨୩ ତାରିଖ ମଧ୍ୟରେ ହୋଇଥିଲା।

## ପୋଲିସ କ୍ୟାଣ୍ଟିନ ଉଦ୍‌ଘାଟିତ

ସୁନ୍ଦରଗଡ, ୨୫।୧୨ (ଡି.ଏନ୍.ଏ)

ଏନଟିପିସି ଦୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପ ତରଫରୁ ସୁନ୍ଦରଗଡ ଶଙ୍କରାସ୍ଥିତ ରିଜର୍ଭ ପୋଲିସ କ୍ୟାମ୍ପସ୍ ମଧ୍ୟରେ ନବନିର୍ମିତ ପୋଲିସ କ୍ୟାଣ୍ଟିନ୍ ଉଦଘାଟିତ ହୋଇଛି। ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଏହି କ୍ୟାଣ୍ଟିନ୍‌କୁ ଉଦଘାଟନ କରିଥିଲେ। ସୁନ୍ଦରଗଡର ବିକାଶରେ ଏନ୍‌ଟିପିସି ଦୁଲୁଙ୍ଗା କୋଇଲାଖଣି ପ୍ରକଳ୍ପ ତରଫରୁ ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସମନ୍ୱିତ ଗୋଷ୍ଠୀଗତ ବିକାଶମୂଳକ କାର୍ଯ୍ୟକ୍ରମକୁ ଚାଲୁ ରଖିବାକୁ ଏସ୍‌ପି ନାଥ ପରାମର୍ଶ ଦେଇଥିଲେ। ଏନଟିପିସି ଦୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପର ଜିଜିଏମ୍ ଚିତ୍ତରଂଜନ ବାରିକ, ଏସ୍.କେ ରାୟ (ଜିଏମ୍ ପ୍ରୋଜେକ୍ଟ ), ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ, ସଦର ଏସଡିପିଓ ମଧୁସ୍ମିତା ମିଶ୍ର ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ପଦୋନ୍ନତିରେ ଚଞ୍ଚକତା ଅଭିଯୋଗ

ସମ୍ବଲପୁର,୨୫।୧୨(ବ୍ୟୁରୋ)

ସମ୍ବଲପୁର ବୁର୍ଲା ୱେସ୍କୋ ୟୁଟିଲିଟି କାର୍ଯ୍ୟାଳୟ ସମ୍ମୁଖରେ ଡେପୁଟି ମ୍ୟାନେଜର ପାହ୍ୟାର ଅଧିକାରୀ ନିଲଫର ଆଦେନି ୪ଦିନ ହେଲା ଧାରଣାରେ ବସିଛନ୍ତି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ କରିଛନ୍ତି। ସୋମବାରଠାରୁ ଆମରଣ ଅନଶନ କରିବେ ବୋଲି ସେ କହିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ଅଫିସର ଜଣେ ଉଚ୍ଚପଦସ୍ଥ ଅଧିକାରୀ ମାନସିକ ନିର୍ଯାତନା ଦେଇଆସୁଛନ୍ତି। ୨୦୦୭ରେ ସେ କାର୍ଯ୍ୟରତ ଥିଲେ ମଧ୍ୟ ୨୦୧୧ର ଜୁନିୟରମାନଙ୍କୁ ଚଞ୍ଚକତା କରି ପଦୋନ୍ନତି କରିଛନ୍ତି। ପଦୋନ୍ନତି ନ ହେବା ନେଇ ମୁଖ୍ୟମନ୍ତ୍ରୀ, ସଚିବ, ୱେସ୍କୋ ପ୍ରଶାସନିକ ବିଭାଗକୁ ଅଭିଯୋଗ କରିଥିଲେ। ହେଲେ ଅଧିକାରୀ ଜଣଙ୍କ ନିଜକୁ ସୁହାଇଲା ଭଳି ରିପୋର୍ଟ ପ୍ରଦାନ କରିଛନ୍ତି। ଶେଷରେ କୋର୍ଟର ଆଶ୍ରୟ ନେବା ପରେ ତାଙ୍କର ପଦୋନ୍ନତି ହୋଇଥିଲା। ହେଲେ ପେ ଫିକ୍ସେଶନ ହୋଇ ନାହିଁ। ବାରମ୍ବାର ଅଭିଯୋଗ କଲା ପରେ ଧମକଚମକ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ ହେଉ ବସ୍‌ଷ୍ଟାଣ୍ଡ

କିର୍ମିରା, ୨୫।୧୨ (ଡି.ଏନ.ଏ.)

ଝାରସୁଗୁଡାରେ ନିର୍ମାଣ ହେଉଥିବା ନୂତନ ବସ୍‌ଷ୍ଟାଣ୍ଡକୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ୍ ବିହାରୀ ରାମ ତନ୍ତୀଙ୍କ ନାମରେ ନାମିତ କରି ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଦାବି ହୋଇଛି। ଏହି ମର୍ମରେ ଜିଲାର ଅନୁସୂଚିତ ଜାତି ବର୍ଗ ଓ ଜିଲା ବିଜେଡି ଏସ୍‌ସି ସେଲ୍ ତରଫରୁ ଗୁରୁବାର ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ୧ହଜାର ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ଦିଆଯାଇଛି। ଏହାର ନକଲ ମୁଖ୍ୟମନ୍ତ୍ରୀ, ବରଗଡ ଏମ୍‌ପି, ରାଜ୍ୟ ପରିବହନ ମନ୍ତ୍ରୀ, ବିଧାୟକ ବ୍ରଜରାଜନଗରଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ଏସ୍‌ସି ସେଲ୍ ସଭାପତି ଜୟ ପ୍ରକାଶ କୁଅଁର, ପ୍ରେମ ସାଗର, ନୃପତି ବେସନ, ଶଙ୍କର ପୋଡ଼, ଶ୍ୟାମସୁନ୍ଦର କଂସରାଲି ଉପସ୍ଥିତ ଥିଲେ।

## ଫଟୋରେ ଖବର...



ଶୁକ୍ରବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ସେଚାଞ୍ଚଳରେ ଚାଷୀମାନେ ରବି ଚାଷ ଲାଗି ଧାନ କିଆରି ପ୍ରସ୍ତୁତ କରୁଛନ୍ତି ।

## ଭାଜପାର ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୨୫।୧୨ (ବ୍ୟୁରୋ)

ଭାଜପା ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଜୟନ୍ତ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ଗିରିଶ ପଟେଲ, ସାଧାରଣ ସମ୍ପାଦକ ଅନୀଲ ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାଏକ, ବୃଷ୍ଟପ୍ରସାଦ ରକ୍ଷିତ, ଡା. ରାଜକୁମାର ବଡପଣ୍ଡା, ସରୋଜ ଆଚାର୍ଯ୍ୟ, ପ୍ରସନ୍ନ ସାହୁ, ଆଶୁତୋଷ ବିଶି ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ ।

## ୨ ଦୋକାନ ତାଲା କାଟି ଚୋରି

ବେଦବ୍ୟାସ/ରାଉରକେଲା ଅଫିସ,୨୫। ୧୨: ବ୍ରହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ସ୍ଥାନୀୟ ବଜାରରେ ଥିବା ଦୁଇଟି ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଥାନା ନିକଟରେ ଥିବା ଦାସ ଚା ଦୋକାନ ଓ ଅଭିରାମ ପାନ ଦୋକାନରୁ ଏହି ଚୋରି ହୋଇଛି। କେହି ଅଜଣା ଦୁର୍ବୃତ୍ତ ଏହି ଦୋକାନ ଦୁଇଟିର ତାଲା କାଟି ଏଭଳି ଚୋରି କରିଥିବା ଅଭିଯୋଗ ହୋଇଛି। ଗତ ୬ ମାସ ମଧ୍ୟରେ ଅଭିରାମ ପାନ ଦୋକାନରୁ ୩ ଥର ଚୋରି ହୋଇଥିବା ଅଭିଯୋଗ ରହିଛି। ଥାନା ପାଖ ଦୋକାନରୁ ବାରମ୍ବାର ଚୋରି ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଲହୁଣୀପଡା, ୨୫।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ବିରତୋଳାଠାରେ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ଏକ ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଓଆର୍ ୧୪ ଏକ୍ସ- ୯୮୦୧ ବାଇକ ଯୋଗେ ଦୁଇ ଜଣ ରାଉରକେଲା ପଟୁ ଲହୁଣୀପଡା ପଟେ ଆସୁଥିବା ବେଳେ ତାଙ୍କୁ ଏକ ଗାଡି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିଲା । ବାଇକଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ।

# ଭାଜପାର ସୁଶାସନ ଦିବସ

ଦେବଗଡ଼,୨୫।୧୨(ଡ଼ି.ଏନ୍.ଏ.)

ଦେବଗଡ଼ ନଗର ଭାଜପା ପକ୍ଷରୁ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ ପାଳନ ଅବସରରେ ଜିଲା ମୁଖ୍ୟ ଡ଼ାକ୍ତରଖାନାରେ ଫଳବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭାଜପା ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ଉପସଭାପତି କାହ୍ନୁ ଦେବତା, ଯୁବମୋର୍ଚ୍ଚା ସଭାପତି ସାନୁ ଘଡ଼େଇ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୂତିଆ, କୋଷାଧ୍ୟକ୍ଷ ସରୋଜ ପାଢ଼ୀ,



ବାଜପେୟୀଙ୍କ ଜୟନ୍ତୀ ଅବସରରେ ଭାଜପା କର୍ମକର୍ତ୍ତା ଫଳ ବଣ୍ଟନ କରୁଛନ୍ତି ।

ରଞ୍ଜନ ଦ୍ୱିବେଦୀ ସାଧାରଣ ସମ୍ପାଦକ ଜଗନ୍ନାଥ ବେହେରା, ରମଣି ଦାଶ, ଚନ୍ଦ୍ର ମହାପାତ୍ର, ସତ୍ୟନାରାୟଣ ପାଣୀ, ସୁଧିର କୁମାର ବ୍ରହ୍ମା, ତାପଷ ମହାପାତ୍ର, ସାଗର ସାହୁ, କିଶୋର ବେହେରା, ରମାଠଚଳ ଖଡ଼ିରତ୍ନ ଉପସ୍ଥିତ ଥିଲେ।

## ସଙ୍ଗଠନ ସୁଦୃଢ଼ ଉପରେ ଗୁରୁତ୍ୱାରୋପ

ଲଖନପୁର,୨୫।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ କଂଗ୍ରେସ ତରଫରୁ ଶୁକ୍ରବାର ବ୍ଲକ୍ ସଦର ମହକୁମାସ୍ଥିତ ଖେଳପଡିଆରେ ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ବେଣୁଧର ଭୋଇଙ୍କ ଅଧ୍ୟକ୍ଷତାରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ ସଭାପତି ଭରତ ଅଗସ୍ତି, ବରଗଡ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ଦେବତା, ଦୁଲାଲ ପ୍ରଧାନ, ପ୍ରଦୀପ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ୍‌ର ଦଳୀୟ କର୍ମୀ ସୁବ୍ରତ ପ୍ରଧାନ, ଲିଙ୍ଗରାଜ ବଡେଇ, ମହେନ୍ଦ୍ର ପ୍ରଧାନ, ଅନିଲ ବାରିକ, ପରମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ୍‌ସ୍ତରୀୟ ଦଳୀୟ ସଂଗଠନକୁ କିପରି ସୁଦୃଢ କରାଯାଇପାରିବ ସେ ଉପରେ ନେତୃବୃନ୍ଦ ଗୁରୁତ୍ୱାରୋପ କରିଥିଲେ ।

## ବେଆଇନ ପାର୍କିଂ ଉପରେ ଚଢ଼ାଉ

ସମ୍ବଲପୁର, ୨୫।୧୨ (ବ୍ୟୁରୋ)

ସମ୍ବଲପୁର ସହର ୫୩ନଂ. ଜାତୀୟ ରାଜପଥ ଅଇଁଠାପାଲି ଛକରୁ ବରେଇପାଲି ଛକ ପର୍ଯ୍ୟନ୍ତ ସର୍ଭିସ ରୋଡରେ ବେଆଇନ ପାର୍କିଂ ଓ ରାସ୍ତା ଖରାପ ଥିବା ନେଇ ଧରିତ୍ରୀରେ ଡିସେମ୍ବର ୨୧ରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଅଇଁଠାପାଲି ପୋଲିସ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ପ୍ରାୟ ୧୦ଟି ଟ୍ରକ୍ ଉପରେ ଜରିମାନା ଆଦାୟ କରାଯାଇଛି। ରାତ୍ରି ୯ଟା ସୁଦ୍ଧା ପୋଲିସ ଉଭୟ ସର୍ଭିସ ରୋଡରେ ବେଆଇନ ପାର୍କିଂ ଥିବା ଟ୍ରକ ଗୁଡିକୁ ହଟାଇଥିଲେ।

## ସମ୍ବଲପୁରରେ ଯୋଗଦେଲେ ଏସ୍‌ପି, ଆଇଜି

ସମ୍ବଲପୁର,୨୫।୧୨(ବ୍ୟୁରୋ)

ପ୍ରାୟ ଏକମାସ ପରେ ସମ୍ବଲପୁରରେ ଖାଲି ପଡିଥିବା ଏସ୍‌ପି ପଦବୀ ପୂରଣ ହୋଇଛି। ଶୁକ୍ରବାର ନୂତନ ଏସ୍‌ପି ଭାବେ ବି. ଗଙ୍ଗାଧର ଯୋଗଦାନ କରିଛନ୍ତି। ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ ସମସ୍ୟା, ନିଶା କାରବାର ଉପରେ ପଦକ୍ଷେପ ଗ୍ରହଣ କରି ମୂଳପୋଛ କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବି. ଗଙ୍ଗାଧର କଳାହାଣ୍ଡି ଜିଲା ଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ସେହପରି ଉତ୍ତରାଞ୍ଚଳ ପୋଲିସ ଆଇଜି ଭାବେ ନରସିଂହ ଭୋଳ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଉତ୍ତର କେନ୍ଦ୍ର ରେଞ୍ଜ (ତାଳଚେର)ରେ କାର୍ଯ୍ୟରତ ଥିଲେ।



ଆଇଜି ନରସିଂହ ଭୋଳ ଓ ଏସ୍‌ପି ବି. ଗଙ୍ଗାଧର ।

# ଧାନ ସଂଗ୍ରହରେ ସିକ୍ୟୁରିଟି ବାଧା

ସମ୍ବଲପୁର,୨୫।୧୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ଖରିଫ ଧାନ ସଂଗ୍ରହ ଆରମ୍ଭରୁ ଅବ୍ୟବସ୍ଥା ଲାଗିରହିଛି। ମଣ୍ଡିରେ ଅବ୍ୟବସ୍ଥା, କଟନୀଛଟନୀ ଭଳି ସମସ୍ୟା ଲାଗିରହିଥିବାବେଳେ ମିଲର୍ସଙ୍କ ସିକ୍ୟୁରିଟି (ଜମା ରାଶି) ଚାଷୀମାନଙ୍କ ପାଇଁ ଆଉ ଏକ ସମସ୍ୟା ହୋଇଛି। ମିଲର୍ସଙ୍କ ସିକ୍ୟୁରିଟି ନ ଥିବାରୁ ଧାନ ସଂଗ୍ରହରେ ବାଧା ସୃଷ୍ଟି ହୋଇଛି। କୁଚିଣ୍ଡା ଉପଖଣ୍ଡରେ ପ୍ରାୟ ସାଢ଼େ ୩ ଲକ୍ଷ ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡିରହିଛି। ଶୀତ କାକରରେ ଚାଷୀମାନେ ଧାନ ଜଗି ବସିଛନ୍ତି। ଜିଲାର ୩୫ ମିଲର୍ସଙ୍କୁ ଜଗତ୍‌ସିଂହପୁର, ସୋନପୁର ଭଳି ୫ରୁ ଊର୍ଦ୍ଧ୍ୱ ଜିଲାରୁ ଧାନ ସଂଗ୍ରହ ପାଇଁ ଅନୁମତି ପ୍ରଦାନ କରାଯାଇଛି। ହେଲେ ସିକ୍ୟୁରିଟି ଅଭାବରୁ କେତେକ ମିଲର୍ସ ଚୁକ୍ତିନାମା କରିପାରୁନାହାନ୍ତି। ଏଥିଯୋଗୁ ଧାନ ସଂଗ୍ରହରେ ଏବେ ବାଧା ସୃଷ୍ଟି ହେବ। ଏ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ଅନ୍ୟପଟେ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଶୀଘ୍ର ଏହାର ସମାଧାନ କରାଯିବ ଓ ଧାନ ସଂଗ୍ରହରେ ଯେଭଳି ବାଧା ସୃଷ୍ଟି ନ ହେବ ପଦକ୍ଷେପ ଗ୍ରହଣ କରାଯିବ।



ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଧାନ ପଡିରହିଛି ।

**କୁଚିଣ୍ଡାରେ ପଡିରହିଛି ସାଢ଼େ ୩ ଲକ୍ଷ ପ୍ୟାକେଟ**

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୬ ଡିସେମ୍ବର, ୨୦୨୦



## ଓଲଟିଲା ଧାନ ବୋଝେଇ ଟ୍ରକ୍

ଜୁନାଗଡ, (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ।ରେ ଶୁକ୍ରବାର ଅପରାହ୍ନରେ ଏକ ଧାନ ବୋଝେଇ ଟ୍ରକ ଭାରସମ୍ୟ ହରାଇ ଓଲଟି ପଡିଛି। ଏଥିରେ ଟ୍ରକ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତଳମଲା ମଣ୍ଡିରୁ ଧାନ ବୋଝେଇ କରି ଟ୍ରକ୍ (ନଂ.ଓଆର୦୮ଏ-୯୩୮୭) ନିକଟସ୍ଥ ମିଲକୁ ଯାଉଥିଲା। ଆଟିଗାଁ ମୁଖ୍ୟ ରାସ୍ତାରେ ଭାରସମ୍ୟ ହରାଇ ଓଲଟି ପଡିଥିଲା।

# ଅମଳ ପରେ ବିକ୍ରି ହେଉନି କପା

ସୋନପୁର,୨୫।୧୨(ନି.ପ୍ର.)

- ଜିଲାରେ ମଣ୍ଡି ନାହିଁ
- ଦଲାଲଙ୍କ ହାବୁଡ଼ରେ ପଡ଼ି କ୍ଷତି ସହୁଛି ଚାଷୀ

ସୁବର୍ଣ୍ଣପୁର ଜିଲାର ଅଣଜଳସେଚିତ ଅଞ୍ଚଳରେ ଚଳିତବର୍ଷ କପା(ଧଳାହୀରା) ଅମଳ ଭଲ ହୋଇଥିବା ବେଳେ ମଣ୍ଡି ନ ଥିବାରୁ ଚାଷୀଙ୍କ ଚିନ୍ତା ବଢିଛି । ଅଧିକ ରୋଜଗାର ଆଶା ମଉଳି ଯାଇଛି। ଚାଷୀ ବାଧ ହୋଇ କମ୍ ଦରରେ ଦଲାଲଙ୍କୁ କପା ବିକ୍ରି କରି କ୍ଷତି ସହୁଛି । ସେମାନଙ୍କ ସ୍ୱାର୍ଥପ୍ରତି ସମସ୍ତେ ଆଖି ବୁଜି ଦେବା ଅସନ୍ତୋଷର କାରଣ ହୋଇଛି ।

ଜିଲାର ବୀରମହାରାଜପୁର ଉପଖଣ୍ଡର ଅଧିକ ଜମିରେ କପା ଚାଷ ହୋଇଥାଏ। ସୋନପୁର ଓ ତରଭା ବ୍ଲକର ଅଣଜଳସେଚିତ ଅଞ୍ଚଳରେ ଚାଷୀ ଅର୍ଥକାରୀ ଫସଲ କପା ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। କମ୍ ବର୍ଷାରେ ଏହି ଚାଷ ହେଉ ଥିବାରୁ କିଛି ବର୍ଷ ହେବ କପା ଚାଷ ଉପରେ ଗୁରୁତ୍ୱ ଦେଉଛନ୍ତି ଅଞ୍ଚଳର ଚାଷୀ। କିନ୍ତୁ ଜିଲାରେ କପା ମଣ୍ଡି ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ସରକାରୀ ଦରରେ କପା ବିକ୍ରି କରିବା ପାଇଁ ଚାଷୀଙ୍କୁ ବଲାଙ୍ଗୀର ସିସିଆଇ କ୍ରୟ କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ଉତ୍ପାଦିତ କପାକୁ ଚାଷୀ ଦଲାଲ ହାତରେ ଟେକିଦେଇ ଲକ୍ଷାଧିକ ଟଙ୍କାର କ୍ଷତି ସହୁଛି। ବୀରମହାରାଜପୁର ବ୍ଲକର ବଡଖମାରରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ କପା ମଣ୍ଡି ନିର୍ମାଣ ହୋଇଛି, କିନ୍ତୁ ତାହା ଚାଷୀଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଅଧାରୁ ଅଧିକ ସ୍ଥାନରେ କପା ଅମଳ ହୋଇସାରିଛି। ଆଉ କିଛି ସ୍ଥାନରେ ଅମଳ ଅପେକ୍ଷାରେ ଅଛି। କମ୍ ଦାମରେ କପା ବିକ୍ରି ହେଉ ଥିବାରୁ ଚାଷୀଙ୍କ ମନରେ ହତାଶଭାବ ଦେଖାଦେଇଛି। ଜିଲାର ବୀରମହାରାଜପୁର ବ୍ଲକର ତେନ୍ତୁଳିମହଦା, ଆନନ୍ଦପୁର, ଜଟେସିଂହା, ବାଗବର, ମୁର୍ଷୁଣ୍ଡି, କେନ୍ଦ୍ୱିରିଆପାଲି, ବହଲପଦର, ଖଣ୍ଡହତା, ଦୁର୍ଜନତଏଲା ଓ ଉଲୁଣ୍ଡା ବ୍ଲକର କଳାପଥର, ଯାଲୋଏ ଭଳି କେତେକ ପଞ୍ଚାୟତରେ ପ୍ରାୟ



ବୀରମହାରାଜପୁର ବଡଖମାରରେ ଚାଷୀ କପା ଶୁଖାଇଛନ୍ତି।

୫ ହଜାର ହେକ୍ଟରରୁ ଅଧିକ ଜମିରେ କପା ଚାଷ ହେଉଛି। ସୋନପୁର ଓ ତରଭା ବ୍ଲକର ଅଳ୍ପ କିଛି ଅଞ୍ଚଳରେ ଏହି ଚାଷ ହୋଇଛି। କପା କ୍ୱିଣ୍ଟାଲ ପ୍ରତି ସରକାରୀ ଦର ୫ ହଜାର ୮ ଶହ ୨୫ ଟଙ୍କା ଅଛି। କିନ୍ତୁ ୩ ହଜାରରୁ ୪ ହଜାର ଟଙ୍କାରେ ଚାଷୀ ଦଲାଲ ହାତରେ କପା ବିକ୍ରି କରିବାକୁ ବାଧ୍ୟ ହେଉଛି। ଆନନ୍ଦପୁରର ଚାଷୀ ଗଦାଧର ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ କଟନ କର୍ପୋରେଶନ ଅଫ ଇଣ୍ଡିଆ(ସିସିଆଇ) ଓ କପା ମିଲ୍‌ମାନଙ୍କ ସଲାସୁତୁରା ଯୋଗୁ ଚାଷୀ ସରକାରୀ ଦରରେ ବିକ୍ରି କରି ପାରୁନି। ଚାଷୀ କମ୍ ଦରରେ କପା ବିକ୍ରି କରି କ୍ଷତି ସହୁଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ମଧ୍ୟ ହେଉଛି। ମଣ୍ଡିରେ ଯେତେ କପା ବିକ୍ରି ହେବ ତାର ଶତକଡା ଏକ ଭାଗ ଆରଏମ୍‌ସି ପାଇବ। କେବଳ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ହାରାହାରି ୬୦ ରୁ ୭୦ କୋଟି ଟଙ୍କାର କପା ଉତ୍ପାଦନ ହେଉଛି। ଯଦି ସୁବର୍ଣ୍ଣପୁର ଜିଲା କଥା ବିଚାରକୁ ନିଆଯାଏ, ତେବେ ଜିଲାର ଚାଷୀମାନେ ୧୦୦କୋଟି ଟଙ୍କାର କପା ବିକ୍ରି କରୁଛନ୍ତି। ଚାଷୀ କୁବେର ମେଣ୍ଡିଲି ଓ ବିରୁପାକ୍ଷ ବାରିକ୍ କୁହନ୍ତି ସିସିଆଇ ହେଉଛି ଭାରତ ସରକାରଙ୍କ ସଂସ୍ଥା। ଏହାର ଆଞ୍ଚଳିକ କାର୍ଯ୍ୟାଳୟ ରହିଛି ରାୟଗଡାରେ। ସେମାନଙ୍କୁ ଯେତେ କହିଲେ ମଧ୍ୟ ସେମାନେ ଜିଲାକୁ ଆସି କପା କିଣୁ ନାହାନ୍ତି। ଏହାର ମୁଖ୍ୟ କାରଣ ହେଉଛି ସିସିଆଇ ଓ କପା ମିଲ୍ ମାଲିକଙ୍କ ମଧ୍ୟରେ ସମନ୍ୱୟର ଅଭାବ। ଏଣୁ ଚାଷୀ ବାଧ୍ୟ ହୋଇ କମ୍ ଦରରେ କପା ବିକ୍ରି କରୁଛି। ଜିଲା ପ୍ରଶାସନ ହସ୍ତକ୍ଷେପ କରି ବଡଖମାର ମଣ୍ଡିରେ କପା କିଣିବାର ବ୍ୟବସ୍ଥା କଲେ ଚାଷୀ ଉପକୃତ ହୁଅନ୍ତେ। ଅନ୍ୟପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ କୁହାଯାଉଛି ଚାଷୀଙ୍କ ଠାରୁ ଠିକ୍ ଦରରେ କପା କିଣିବା ପାଇଁ ସିସିଆଇ ସହ ଆଲୋଚନା ହେଉଛି। ଯେହେତୁ ଅନ୍ୟ ଜିଲା ଅପେକ୍ଷା କମ୍ କପା ଉତ୍ପାଦନ ହେଉଛି, ସେଥିପାଇଁ ମିଲ୍‌ର ଆସିବାକୁ ରାଜି ହେଉ ନାହାନ୍ତି। ତଥାପି ଚେଷ୍ଟା ଚାଲିଛି, ସେମାନେ ଏଠାକୁ ଆସି କିପରି କପା ମଣ୍ଡିରୁ କପା କିଣିବେ ତାର ବ୍ୟବସ୍ଥା କରାଯାଉଛି।

## ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସମୀକ୍ଷା

ବରଗଡ଼ ଅଫିସ୍,୨୫।୧୨

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତଥା ବରଗଡ଼ ଶିକ୍ଷାଜିଲା ନୋଡ଼ାଲ ଅଫିସର ବୃନ୍ଦାବନ ବେହେରା ଗୁରୁବାର ବରଗଡ଼ ଗସ୍ତରେ ଆସିଥିଲେ। ଏହି ଗସ୍ତରେ ସେ ଭେଡ଼େନ, ହାଟପଦା, କୁବେଡ଼େଗା, ଲେବିଡ଼ି, ବରଗଡ଼ ଆଦି ସ୍ଥାନରେ ରହିଥିବା ବିଭିନ୍ନ ସ୍କୁଲ ପରିଦର୍ଶନ କରିଥିଲେ। ଏହା ସହିତ ବରଗଡ଼ ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ଜିଲାରେ ରହିଥିବା ବରଗଡ଼ ଜର୍ଜ ହାଇସ୍କୁଲ, ବରପାଲି ସରକାରୀ ହାଇସ୍କୁଲ, ଲରମ୍ଭା ହାଇସ୍କୁଲର ଭିତ୍ତିଭୂମି, ଶୈକ୍ଷିକ ପରିବେଶ, ଆବଶ୍ୟକ ଶିକ୍ଷକ, କର୍ମଚାରୀ ପଦବୀ ପୂରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମୀକ୍ଷା ବୈଠକରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ସମେତ ସମସ୍ତ ବ୍ଲକର ଶିକ୍ଷା ଅଧିକାରୀ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଭବାନୀପାଟଣା,୨୫।୧୨ (ଡି.ଏନ.ଏ.): ଭବାନୀପାଟଣା ସଦର ଥାନା ଅଟାଙ୍ଗଗୁଡା ଛକ ନିକଟରେ ଏକ ହାଇୱା ସହ ବାଇକ୍ ମୁହାଁମୁହିଁ ଧକ୍କାରେ ଘଟଣା ସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭବାନୀପାଟଣା ସଦର ଥାନା ସଂକରିଗୁଡା ଗ୍ରାମର ରିପୁ ମାଝି (୪୫)। ସେ ଭବାନୀପାଟଣାରୁ କାମସାରି ବାଇକ୍ (ଓଡି୦୮କେ-୦୪୨୦)ରେ ଗୁରୁବାର ସନ୍ଧ୍ୟାରେ ନିଜ ଗାଁକୁ ଫେରୁଥିଲେ। ବିପରୀତ ପାର୍ଶ୍ୱରୁ ହାଇୱା ଗାଡି (ନଂ. ଓଡି୦୮-୯୫୮୫) ଆସି ଛକ ନିକଟରେ ମୁହାଁମୁହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ଭବାନୀପାଟଣା ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା



ଜୁନାଗଡ, ୨୫।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ଅପଗ୍ରେଡ ହାଇସ୍କୁଲର ଶିକ୍ଷକ କୈଳାସ ମାଝିଙ୍କ ଗତ ୧୭ ତାରିଖରେ ହଠାତ୍ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଜୁନାଗଡ ବ୍ଲକ ଶିକ୍ଷା ମହଲରେ ଶୋକର ଛାୟା ଖେଳିଯାଇଥିଲା। ଏହି ପରିପ୍ରେକ୍ଷୀରେ ତାଙ୍କ ପରିବାରକୁ ଜୁନାଗଡ ଏକ୍ସ କେଡର ଶିକ୍ଷକ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ସମୟରେ ସଂଘ ସଭାପତି କୈଳାସ ବିଷି, କାର୍ଯ୍ୟକାରୀ ସଭାପତି ରମେଶ ରାଉତ, ସହସମ୍ପାଦକ ଅଲେଖ ଚଣ୍ଡୀ, ମଦନ ଶବର, ସୁରେନ୍ଦ୍ର ପାନ, ବୃନ୍ଦାବନ ଶବର ପ୍ରମୁଖ ଉପସ୍ଥିତ ଥିଲେ।

### ୨୮ରେ ମଦଭାଟି ସ୍ଥାନାନ୍ତର ଦାବିରେ ଆନ୍ଦୋଳନ

ଗୋଲାମୁଣ୍ଡା, ୨୫।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସାନଚେରଗାଁ ମଦଭାଟି, ଧାମନପୁର ମଦଭାଟି ଓ କେଗାଁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ କଳାହାଣ୍ଡି ଯୁବ କଂଗ୍ରେସ ଆନ୍ଦୋଳନ ଡାକରା ଦେଇଛି। ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଏହି ସବୁ ମଦ ଭାଟିକୁ ଉଚ୍ଛେଦ କରି ସ୍ଥାନାନ୍ତରିତ କରିବା ଦାବିରେ ଆସନ୍ତା ୨୮ ତାରିଖ (ସୋମବାର) ସାନଚେରଗାଁ ମଦଭାଟି ସମ୍ମୁଖରେ ଧାରଣାରେ ଦିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏ ନେଇ ଏକ ଦାବିପତ୍ର ଅବକାରୀ ବିଭାଗ, ଉପଖଣ୍ଡ ପୋଲିସ ଅଧିକାରୀ ଭବାବୀପାଟଣା ଓ କେଗାଁ ଆଇଆଇସିଙ୍କୁ ପ୍ରଦାନ କରାଯାଇଛି।

### ଅସିତ୍ ତ୍ରିପାଠୀଙ୍କୁ ନାଗରିକ କମିଟିର ଅଭିନନ୍ଦନ

ବଲାଙ୍ଗୀର ଅଫିସ, ୨୫।୧୨: ମୁଖ୍ୟଶାସନ ସଚିବ ପଦବୀରୁ ଅବସର ଗ୍ରହଣ କରିବା ପରେ ବରିଷ୍ଠ ପ୍ରଶାସକ ଅସିତ୍ କୁମାର ତ୍ରିପାଠୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। ମୁଖ୍ୟଶାସନ ସଚିବ ତ୍ରିପାଠୀଙ୍କ ନବନିଯୁକ୍ତି ଘୋଷଣାକୁ ନେଇ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହ ବରିଷ୍ଠ ପ୍ରଶାସକ ତ୍ରିପାଠୀଙ୍କୁ ଅଭିନନ୍ଦନ ଜଣାଯାଇଛି। ବଲାଙ୍ଗୀର ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ଓ ଉପସଭାପତି ନିତ୍ୟାନନ୍ଦ ମିଶ୍ର ତ୍ରିପାଠୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ନେତୃତ୍ୱରେ ସମଗ୍ର ପଶ୍ଚିମ ଓଡିଶା ଓ ବିଶେଷ କରି ବଲାଙ୍ଗୀର ଜିଲାରେ ବିକାଶମୂଳକ କାର୍ଯ୍ୟକ୍ରମ ଆଗେଇବ ବୋଲି କହିଛନ୍ତି। ବଲାଙ୍ଗୀର ମାଟିର ସୁଯୋଗ୍ୟ ସନ୍ତାନ ଭାବେ ପ୍ରଶାସକ ତ୍ରିପାଠୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଦାୟିତ୍ୱ ନେବା ପରେ ବଲାଙ୍ଗୀର ଜିଲାର ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ଦିଗରେ ବିହିତ ପଦକ୍ଷେପ ନେବେ ବୋଲି କମିଟି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି।

## ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ପ୍ରଦର୍ଶନୀ ମେଳା



କାର୍ଯ୍ୟକ୍ରମରେ ଚାଷୀଙ୍କୁ ବୁଝାଯାଉଛି।

କର୍ଲାମୁଣ୍ଡା, ୨୫।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ପଞ୍ଚାୟତ ଟେର୍ଛାପଲାଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି (ଆଇଜିଏସଏସଏସ) ପକ୍ଷରୁ ଜଳବାୟୁ ପରିବର୍ତ୍ତନ ସହଣୀଚାଷ ବିହନ, ଖାଦ୍ୟ ଓ ଜୈବ ବିବିଧତା ପ୍ରଦର୍ଶନୀ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗାଁ ଧରଣୀପୀଠରେ ପୂଜାର୍ଚ୍ଚନା ପରେ ମହିଳାମାନଙ୍କ ଦ୍ୱାରା ବିହନ କଳସ ଶୋଭାଯାତ୍ରା ବାହାରି ପ୍ରଦର୍ଶନୀ ମେଳାରେ ପହଞ୍ଚି ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ଅଧକ୍ଷ ଅରବିନ୍ଦ ଚୌଧୁରୀ, ମୁଖ୍ୟବକ୍ତା ଚାଷୀ ନେତା ସୁରେଶ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଆଇସିଡିଏସ ସୁପରଭାଇଜର କୁସୁମ ପଣ୍ଡା, ମିଶନ ଶକ୍ତି ବିପିଏମ ବିପିନ ବାରିକ, ଗ୍ରାମ୍ୟକୃଷି କର୍ମୀ ଧର୍ମେନ୍ଦ୍ର ଶବର, ଗଅଁନ୍ତିଆ ତାରାଚନ ମାଝି, ୱାର୍ଡସଭ୍ୟ ଥବିର ଭୋଇ, ଗ୍ରାମ୍ୟ ଉନ୍ନୟନ ସମିତିରୁ ସମ୍ପାଦକ ନନ୍ଦି କିଶୋର ମାଝି, ସଭାପତି ଗୌରଚନ୍ଦ୍ର ସାହୁ ପ୍ରମୁଖ ପାରମ୍ପାରିକ ବିହନ, ମରୁଡି ସହଣୀଚାଷ, ପୁଷ୍ଟିକର ଖାଦ୍ୟ, ଜୈବ ବିବିଧତା, ମୃତ୍ତିକା ଓ ଜଳ ସଂରକ୍ଷଣ ଉପଚାର ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଂସ୍ଥା କର୍ମୀ ପ୍ରଦୀପ କୁମାର ସାହୁ ୨୦୧୮ରୁ ସଂସ୍ଥା ପକ୍ଷରୁ ଚାଲିଥିବା କାର୍ଯ୍ୟକ୍ରମଗୁଡିକ ଉପରେ କହିବା ସହ ପ୍ରଦର୍ଶନୀ ମେଳାର ଲକ୍ଷ୍ୟ ଉଦ୍ଦେଶ୍ୟ କହିଥିଲେ। ଅଙ୍ଗନୱାଡି କର୍ମୀ ଚନ୍ଦ୍ରମା ତାଣ୍ଡି, ମମତା ସାହୁ, ଗୋପି ମାଝି, ମହେଶ୍ୱର ମାଝି, ପୀତାମ୍ବର ଭୋଇ, ଗିରିଶ ଭୋଇ, କରୁଣା ମାଝି, ଭୂପିନ୍ଦର ଚୌଧୁରୀ, ସାମନ୍ତ ଦୀପ ସହଯୋଗ କରିଥିଲେ।

## ମୃତକଙ୍କ ଜମାଖାତାରୁ ଟଙ୍କା ଆତ୍ମସାତ୍

ଲୋଇସିଂହା, ୨୫।୧୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(କ) ଗ୍ରାମର ଜଣେ ମୃତ ବ୍ୟକ୍ତିଙ୍କ ଜମାଖାତାରୁ ପରିବାରର ଅଜାଣତରେ ଟଙ୍କା ଉଠିଥିବା ନେଇ ଅଭିଯୋଗ ହୋଇଛି। ମୃତକଙ୍କ ୨ ପୁଅ ଏ ନେଇ ଜିଲାପାଳ ଚଞ୍ଚଳ ରାଣାଙ୍କଠାରେ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ନଅଗାଁ(କ) ଗ୍ରାମର ଲେକୁ ତ୍ରିପାଠୀ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ଡୁଡକା ଶାଖା ଅନ୍ତର୍ଗତ ନଅଗାଁ(କ) କୃଷି ସମବାୟ ସମିତି (ପ୍ୟାକ୍ସ)ର ଜଣେ ପଞ୍ଜୀକୃତ ଚାଷୀ। ଡୁଡୁକା ଶାଖାରେ ତାଙ୍କ ଜମାଖାତା ରହିଥିଲା। ଗତ ୨୦୧୯ ଅକ୍ଟୋବର ୧୧ରେ ଚାଷୀ ଲେକୁଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଜାମଖାତା ନମ୍ବର ୦୯୦୫୩୦୧୭୭୪୭ରୁ ଗତ ୨୦୧୯ ନଭେମ୍ବର ୩୦ ତାରିଖରେ ୨୪ ହଜାର ଟଙ୍କା ଉଠାଇଯାଇଛି। ଏହା ମୃତଙ୍କ ୨ ପୁଅ ମିଠାଲାଲ ବିଶ୍ୱାଳକ ଓ ସୁରେନ୍ଦ୍ର ଜାଣିବାକୁ ପାଇଥିଲେ। ବାପାଙ୍କ ମୃତ୍ୟୁର ମାସକ ପରେ କିପରି ଜମାଖାତାରୁ ତାଙ୍କ ଅଜାଣତରେ ଟଙ୍କା ଉଠିଲା ତାକୁ ନେଇ ସେମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏହି ଟଙ୍କା ଆତ୍ମସାତରେ କାହାର ସମ୍ପୃକ୍ତି ରହିଛି, ଏହାର ଉଚିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଅପରପକ୍ଷେ ଉକ୍ତ ପ୍ୟାକ୍ସରେ ଚାଷୀ ମାରଣନୀତି ଯୋଗୁ ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏହି ଅଭିଯୋଗକୁ ଆଧାର କରି ସେତେବେଳେ ପ୍ୟାକ୍ସ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଥିଲା। ତଦନ୍ତ ଅଧିକାରୀଙ୍କ ପକ୍ଷପାତିତା ଯୋଗୁ ପୁନଃନିଯୁକ୍ତି ପାଇ ପୁଣି ଦୁର୍ନୀତିରେ ଲିପ୍ତ ରହୁଥିବା ନେଇ ଉକ୍ତ ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ପ୍ୟାକ୍ସ ସମ୍ପାଦକ ରଜଞ୍ଜୀ ସାହୁଙ୍କୁ ପଚାରିବାରୁ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଥିଲେ।



ବଡ଼ଦିନ ଅବସରରେ ଖଡିଆଳ ମିଶନଠାରେ ପ୍ରଦର୍ଶିତ କଳାକୃତି ।

## ଖ୍ରୀଷ୍ଟମାସ୍ ଉପଲକ୍ଷେ ସ୍ୱତନ୍ତ୍ର କଳାକୃତି

ଖଡିଆଳ, ୨୫।୧୨ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ମିଶନଠାରେ ଥିବା ୨ଟି ଚର୍ଚ୍ଚରେ ବଡ଼ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ଯୀଶୁଙ୍କୁ ସ୍ୱତନ୍ତ୍ର ପ୍ରାର୍ଥନା କରାଯାଇଛି। ଖ୍ରୀଷ୍ଟ ଧର୍ମାବଲମ୍ବିମାନେ ଯୀଶୁଙ୍କ ଏହି ଜନ୍ମଦିନକୁ ଧୁମଧାମରେ ପାଳନ କରିଛନ୍ତି। ଏହି ଉପଲକ୍ଷେ ସ୍ୱତନ୍ତ୍ର କଳାର ରୁଚି ରଖିଥିବା ଏବଂ ବିଭିନ୍ନ ପନିପରିବା, ଫଳମୂଳକୁ ନେଇ ଗ୍ରାମର ବୋର୍ଡନ ଜୁଲିଅସ ନିଜର କଳାକୃତିରେ ପ୍ରଭୁ ଯୀଶୁଙ୍କ ଜନ୍ମ ଏକ ମେଣ୍ଢାଶାଳରେ ମା’ ମେରୀ ଜନ୍ମ ଦେଇ ବିଶ୍ୱରେ ପ୍ରେମର ବାର୍ତ୍ତା ପ୍ରଦାନ କରିଛନ୍ତି। ପ୍ରକାଶଥାଉ କି, ନିର୍ମିତ କଳାକୃତି ଖାଦ୍ୟଶସ୍ୟ ଓ ପନିପରିବାରେ ଏହି କାର୍ଯ୍ୟକ୍ରମ କୋଶଳ ପ୍ରଦାନ କରିଛନ୍ତି।

## ମନ୍ତ୍ରୀ ଦିବ୍ୟଶଙ୍କର ଜିଲା କାର୍ଯ୍ୟକାରୀ ସଭାପତି

### କଳାହାଣ୍ଡି ବିଜେଡିର ନୂତନ କର୍ମକର୍ତ୍ତା ମନୋନୀତ

ଭବାନୀପାଟଣା, ୨୫।୧୨(ସ୍ୱ.ପ୍ର./ ଡି.ଏନ.ଏ.)

ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ କଳାହାଣ୍ଡି ଜିଲା ବିଜେଡିର ବିଭିନ୍ନ ପଦପଦବୀ ପାଇଁ ନାମ ଘୋଷଣା କରାଯାଇଛି। ଏଥିରେ ଜଣେ ଜିଲା କାର୍ଯ୍ୟକାରୀ ସଭାପତି, ୭ଜଣ ଉପସଭାପତି, ଜଣେ ସାଧାରଣ ସମ୍ପାଦକ, ୧୫ଜଣ ସମ୍ପାଦକ, ଜଣେ କୋଷାଧକ୍ଷ ଓ ୫ଜଣ ବିଭିନ୍ନ ବର୍ଗର ଜିଲା ସଭାପତି ମନୋନୀତ କରାଯାଇଛି। ଏହି କ୍ରମରେ ଜିଲା ବିଜେଡି ନୂତନ କାର୍ଯ୍ୟକାରୀ



କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର।

ସଭାପତି ଭାବେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମନୋନୀତ କରିଛନ୍ତି। ଉପସଭାପତି ପ୍ରଦୀପ ମୁଣ୍ଡ, ଦିଗାମ୍ବର ନାଏକ, ଚିତ୍ତରଞ୍ଜନ ମଣ୍ଡଳ, ଅଶେଶ୍ୱର ବାଗ, କୀର୍ତ୍ତନ ସାହୁ, ଥବିର ସାହୁ, ଜିତେନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ସମ୍ପାଦକ ମହେଶ ସାହୁ, ଇଂ ଦିନେଶ ରାଉତ, ମାଣିକ୍ୟ ନାଏକ, ଟିକେଲାଲ ସାହୁ, ହରଜିନ୍ଦର ସିଂ, ସାମନ୍ତ ଖମାରୀ, ଶ୍ରୀନିବାସ ମିଶ୍ର, ମନମୋହନ ନାଏକ, ନୃପରାଜ ଯାଦବ, ଅଶୋକ ମହାନ୍ତି, ଫକୀର ମାଝି, ଯଯାତି ନାଏକ, ସନ୍ତୋଷ ଶର୍ମା, ପ୍ରଶାନ୍ତ ତିୱାରୀ, ସୁରେଶ ମହାନନ୍ଦ କୋଷାଧକ୍ଷ ଗୁରୁ ପ୍ରସାଦ ଅଗ୍ରୱାଲ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ଅନୁସୁଚିତ ଜାତି ଜିଲା ସଭାପତି ପ୍ରଶାନ୍ତ ନାଏକ, ଅନୁସୁଚିତ ଜନଜାତି ଜିଲା ସଭାପତି ସୁଶୀଲ ଶବର, ପଛୁଆବର୍ଗ ଜିଲା ସଭାପତି ମହେନ୍ଦ୍ର ନାଏକ, ସଂଖ୍ୟାଲଘୁ ଜିଲା ସଭାପତି ଅବଦୁଲ କାଦିର ଓ କୃଷକ ସେଲ ଜିଲା ସଭାପତି ଭାବେ ହେମନ୍ତ ପ୍ରଧାନ ମନୋନୀତ ହୋଇଛନ୍ତି।

## କୋସଲୀ ଲଖିପୁରାଣର ଭିଡିଓ ଭର୍ଜନ ଲୋକାର୍ପିତ



କୋସଲୀ ଲଖିପୁରାଣର ଭିଡିଓ ଭର୍ଜନ ଲୋକାର୍ପିତ।

ବଲାଙ୍ଗୀର ଅଫିସ, ୨୫।୧୨:

ମହନୀ କ୍ରିଏସନ୍ ପକ୍ଷରୁ ପ୍ରସ୍ତୁତ କୋସଲୀ ଲଖିପୁରାଣର ଭିଡିଓ ଭଜନ ଗୁରୁବାର ବଲାଙ୍ଗୀର ଯାଦବ ଭବନଠାରେ ଲୋକାର୍ପିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଏହା ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀ, ପ୍ରଯୋଜକ ଓ ନିର୍ଦ୍ଦେଶକ ବିନୋଦ କାଲସାଏ, ସଙ୍ଗୀତ ନିର୍ଦ୍ଦେଶକ ମୁରଲୀଧାରୀ ପତି ମଞ୍ଚାସୀନ ଥିଲେ। ଯୁବକବି ଅକ୍ଷୟ କୁମାର ସରାଫ୍‌ଙ୍କ ଲିଖିତ କୋସଲୀ ଲଖିପୁରାଣର ଭିଡିଓ ଭର୍ଜନରେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଓ ସୌଭାଗ୍ୟଲକ୍ଷ୍ମୀ ଦାସ କଣ୍ଠଦାନ ଓ ଅଭିନୟ କରିଛନ୍ତି। କାର୍ଯ୍ୟକମକୁ ମୁରଲୀଧାରୀ ପତି ସଂଯୋଜନା କରିଥିଲେ। ବିଭୂକଲ୍ୟାଣ ଗଡତ୍ୟା ଧନ୍ୟବାଦ ଦେଇଥିଲେ ।

## କରୋନା ଯୋଦ୍ଧାଙ୍କୁ ସହାୟତା

ତରବୋଡ଼/ଖଡିଆଳ, ୨୫।୧୨ (ଡି.ଏନ.ଏ.): ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଜିଲାପାଳ ସ୍ୱାଧାଦେବେ ସିଂ ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ଉପସ୍ଥିତିରେ ୨ ଜଣ କରୋନା ଯୋଦ୍ଧାଙ୍କ ପରିବାରଙ୍କୁ ୫୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲା ପୋଲିସ ବିଭାଗରେ କାର୍ଯ୍ୟରତ ଥିବା ୨ କନଷ୍ଟେବଳ ବୋଡେନ ବ୍ଲକ କରଙ୍ଗାମଲର କୃଷ୍ଣଚନ୍ଦ୍ର ମାଝି ଓ ଖଡ଼ିଆଳ ବ୍ଲକ ବିରେଶକେଲା ଗ୍ରାମର ଶଙ୍କର ଦାଶ ଜୋଙ୍କ ଥାନାରେ କାର୍ଯ୍ୟରତ ବେଳେ କରୋନା ପୋଜିଟିଭ ହୋଇଥିଲେ। ଏହି ୨ ଜଣ କାର୍ଯ୍ୟରତ ଥିବା ବେଳେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସା ଅବସ୍ଥାରେ ମୃତ୍ୟୁ ହୋଇଥିଲା।



ଜଣେ କରୋନା ଯୋଦ୍ଧାଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଉଛି।

## ବିଭାଗକୁ ହସ୍ତାନ୍ତର ହେଉନି, ସୂଚନା ପାଇବାରୁ ଚାଷୀ ବଞ୍ଚିତ

କେସିଙ୍ଗା, ୨୫।୧୨ (ଡି.ଏନ.ଏ.)

### ୮ କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣର ୨ ବର୍ଷ ବିତିଲା

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ୮ଟି କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣ ହୋଇ ୨ବର୍ଷ ବିତିଯାଇଥିଲେ ସୁଦ୍ଧା କୃଷି ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଏଥିଯୋଗୁ ଚାଷୀମାନେ ସୂଚନା ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କେସିଙ୍ଗା ବ୍ଲକ ବାଲସି, ପରଲସିଙ୍ଗା, କାଣ୍ଡେଲ, କିକିଆ, ଚାଞ୍ଚେର, ଅଧମୁଣ୍ଡା, ଫଟକାମାଲ ଓ ତୁର୍ଲାଖମନ ୮ଟି ଗ୍ରାମପଞ୍ଚାୟତରେ କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣ ଶେଷ ହୋଇଛି। ଆଜକୁ ୨ ବର୍ଷ ବିତି ଯାଇଥିଲେ ସୁଦ୍ଧା ଠିକାଦାର କୃଷି ବିଭାଗକୁ ହସ୍ତାନ୍ତର କରି ନାହାନ୍ତି। ଫଳରେ ୮ଟି ଗ୍ରାମପଞ୍ଚାୟତର ଶହ ଶହ ଚାଷୀମାନେ ଏହି କେନ୍ଦ୍ରରୁ ଚାଷ ସମ୍ବନ୍ଧୀୟ ଯଥା କପା, ଧାନ, ରବିଚାଷ ଇତ୍ୟାଦି ବିଷୟ ସୂଚନା ପାଉନାହାନ୍ତି। କେସିଙ୍ଗା ବ୍ଲକ ବହୁ ଗ୍ରାମାଞ୍ଚଳ ଚାଷୀମାନେ କେସିଙ୍ଗା ସରକାରୀ କାର୍ଯ୍ୟାଳୟକୁ ଯାଇ ଧାନଗଜା, ପୋକମରା, ଔଷଧ ସିଞ୍ଚନ ଇତ୍ୟାଦି ବିଷୟରେ ବୁଝିବାକୁ ଦୂର ଦୂରାନ୍ତ ଗ୍ରାମରୁ ଯାଇ ହଇରାଣ ହୋଇଥାନ୍ତି। ଏହି କୃଷକ ପରାମର୍ଶ କେନ୍ଦ୍ରଗୁଡିକ କାର୍ଯ୍ୟକ୍ଷମ ପାଇଁ ଚାଷୀମାନେ କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବ୍ଲକର ୨୬ଟି ଗ୍ରାମପଞ୍ଚାୟତରୁ ୮ଟିରେ କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣ ହୋଇଥିଲେ ସୁଦ୍ଧା ବାକି ୧୮ଟି ଗ୍ରାମପଞ୍ଚାୟତଗୁଡିକର କୋଭିଡ କଟକଣା ଯୋଗୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ। ଏ ସଂକ୍ରାନ୍ତରେ କେସିଙ୍ଗା ବ୍ଲକ କୃଷି ଅଧିକାରୀ ଜାନକୀ ବଲ୍ଲଭ ମହାପାତ୍ରଙ୍କୁ ପଚାରିବାରୁ ଠିକାଦାର ହସ୍ତାନ୍ତର କରି ନାହାନ୍ତି। ମୁଁ ଡିଏଓଙ୍କ ସହିତ କଥା ହେବି ବୋଲି ପ୍ରକାଶ କରିଥିଲେ।




ବାଲସି ପଞ୍ଚାୟତରେ ନିର୍ମାଣ କୃଷକ ପରାମର୍ଶ କେନ୍ଦ୍ର।